# କିଶୋରୀ ମେଳା ଏବଂ ଆତ୍ମ ସୁରକ୍ଷା ଶିବିର




ବ୍ରହ୍ମପୁର,୧୮ ।୩(ସମିସ): ଗୋଇଲୁଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ କିଶୋରୀ ମେଳା ଏବଂ ଆତ୍ମ ସୁରକ୍ଷା ତାଲିମ ଶିବିରରେ ଉଦଘାଟିତ ହୋଇଛି।

ସୁପଭାଇଜର ପ୍ରେମା ବତୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଡିପିଓ ଗୀତାଞ୍ଜଳି ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କର୍ପୋରେଟର ଟି. ତ୍ରିପତି ପାତ୍ର ଯୋଗ ଦେଇଥିଲେ। ଏଥିରେ ସୁପରଭାଇଜର ରୁନୁ ଦାସ, ଅଙ୍ଗନୱାଡି ଦିଦି ଦୀପ୍ତି ଲେଖା ମିଶ୍ର, ସଂଘମିତ୍ରା ପଣ୍ଡା, ଦୀପ୍ତିବାଳା ପଟ୍ଟନାୟକ, ସ୍ମିତାରାଣୀ ପଣ୍ଡିତ, ରାଜଲକ୍ଷ୍ମୀ ବେହେରା, ନିହାରିକା ମହାନ୍ତି ସହଯୋଗ କରିଥିଲେ। ରଙ୍ଗୋଲି, ଚିତ୍ର, ଖେଳରେ କୃତି କିଶୋରୀ ପିଲାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ

# ପୁଣି ଧରାପଡ଼ିଲେ କନ୍ଧମାଳର ୧୦ ଜଣ

ବ୍ରହ୍ମପୁର,୧୮ ।୩(ସମିସ)



ଜାଲ୍ ଜାତିଗତ ପ୍ରମାଣପତ୍ର ଜରିଆରେ ଚଞ୍ଚକତା କରି ବିଭିନ୍ନ ସରକାରୀ ପଦପଦବୀରେ ରହି ସୁବିଧା ହାତେଇଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଅଭିଯୋଗ ପରେ ଏହାର ତଦନ୍ତ ଜାରି ରହିଛି। ଦକ୍ଷିଣାଞ୍ଚଳର ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡା, ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଭଳି ୮ଟି ଜିଲ୍ଲାରୁ ୨୦୧୦ମସିହାରୁ ମୋଟ ୧୪୬୬ଟି ଅଭିଯୋଗ ଆସିଥିଲା। ଯାହାର ଯାଞ୍ଚ ପାଇଁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ଗଠନ କରାଯାଇଛି। ଆଜି ଅନୁଷ୍ଠିତ ଯାଞ୍ଚ କମିଟିରେ ୧୨ଟି ମାମଲା ସହିତ ବର୍ତ୍ତମାନ ସୁଦ୍ଧା ମୋଟ ୬୮୬ଟି ମାମଲାର ଶୁଣାଣି ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇସାରିଛି। ତେବେ ଅବଶିଷ୍ଟ ୭୮୦ଟି ମାମଲା ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୫୫୦ଟି ମାମଲାର ପୁଲିସ ତଦନ୍ତ ରିପୋର୍ଟ ଆସିନଥିବାରୁ ଯାଞ୍ଚ ପ୍ରକ୍ରିୟାରେ ବିଳମ୍ବ ହେଉଥିବା ଜଣାପଡିଛି। ଆଜି ଅର୍ଥାତ୍ ବୁଧବାର ଅନୁଷ୍ଠିତ ଯାଞ୍ଚ କମିଟିରେ ଖାସ କରି କନ୍ଧମାଳ ଜିଲ୍ଲାର ୧୨ଟି ମାମଲା ମଧ୍ୟରୁ ୧୦ଟି ଅଭିଯୋଗରେ ସତ୍ୟତା ଥିବା ସହିତ ଜାଲ୍ ଜାତିଗତ ସାର୍ଟିଫିକେଟ ପ୍ରମାଣିତ ହୋଇଛି। ଏଥିରେ ଜାଲ ଜାତିଗତ ପ୍ରମାଣ ପତ୍ର ଦେଇ ସରକାରୀ ନିଯୁକ୍ତି ସହିତ ଅନ୍ୟାନ୍ୟ ସୁବିଧା ହାତେଇଥିବା ଅଭିଯୋଗରେ ଜଣେ କନଷ୍ଟେବଳ, ଜଣେ ଅଙ୍ଗନବାଡି କର୍ମୀ, ଜଣେ ସହକାରୀ ଶିକ୍ଷକ, ଜଣେ ଉପଡାକପାଳ, ନିୟନ୍ତ୍ରିତ ବଜାର କମିଟିର ଜଣେ କର୍ମଚାରୀ, ସଚିବାଳୟର ଶକ୍ତିବିଭାଗରେ କାର୍ଯ୍ୟରତ ଜଣେ ପିଅନ, ଜଣେ ଗୃହରକ୍ଷୀ, ପୂର୍ତ୍ତବିଭାଗର ଜଣେ ରୋଲର ଡ୍ରାଇଭର, ଜଣେ ସେନା କର୍ମଚାରୀଙ୍କ ସମେତ ଜଣେ ଚାଷୀ ଥିବା ଜଣାପଡିଛି।

ଯାଞ୍ଚ କମିଟିରେ ଜାଲ ପ୍ରମାଣପତ୍ର ପ୍ରମାଣିତ ହୋଇଥିବା ସମସ୍ତେ ପାଣ ଓ ଖ୍ରୀଷ୍ଟିଆନ ହୋଇଥିବା ବେଳେ ସେମାନେ ଅନୁସୂଚିତ ଜାତିର ସାର୍ଟିଫିକେଟ ଦେଇ ସରକାରୀ ନିଯୁକ୍ତି ସହିତ ଅନ୍ୟାନ୍ୟ ସୁବିଧା ହାତେଇଥିବା ସ୍ପଷ୍ଟ ହୋଇଛି। ଚିହ୍ନଟ ସମସ୍ତ ୧୦ଜଣଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ପକ୍ଷରୁ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ସୁପାରିଶ କରାଯାଇଛି।

ଆଜି ଅନୁଷ୍ଠିତ ଯାଞ୍ଚ କମିଟି ବୈଠକରେ କମିଟି ଅଧ୍ୟକ୍ଷ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ସମ୍ବଲପୁରରୁ ଭର୍ଚୁଆଲରେ ରହି ଶୁଣାଣି କରିଥିବା ବେଳେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆରଡିସିଙ୍କ ସଚିବ ବୀରସେନ ପ୍ରଧାନ, କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକଙ୍କ ସମେତ ଡିଏସପି ଗିରିଶ ଚନ୍ଦ୍ର ବରାଳ, ଜିଲ୍ଲାର ରାଇକିଆ, ଟିକାବାଲି, କ.ନୂଆଗାଁ, ଚକାପାଦ, ବାଲିଗୁଡା, ଜି.ଉଦୟଗିରି ଓ ଦାରିଙ୍ଗବାଡିର ତହସିଲଦାର, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ସହକାରୀ ନିର୍ଦ୍ଦେଶିକା ମୌସୁମୀ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର ଏବଂ ଯାଞ୍ଚ କମିଟିର ଆବାହକ ତଥା ଆରଡିସିଙ୍କ କାର୍ଯ୍ୟାଳୟର ଏସ୍‌ସିଆଣ୍ଡଏସଟି ବିଭାଗର ଉପନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌କେସିଜିରେ ରୋଗୀ ସେବା ବାଧାପ୍ରାପ୍ତ

# ଧାରଣାରେ ଅଧା ଆଟେଣ୍ଡାଣ୍ଟ; ଓଟି ବାତିଲ୍, ହେଉନି ଡ୍ରେସିଂ

**ସରକାର, ମେଡିକାଲ କର୍ତ୍ତୃପକ୍ଷ ଓ ଠିକା ସଂସ୍ଥା ନୀରବ**

ବ୍ରହ୍ମପୁର,୧୮ ।୩(ସମିସ): ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି, କାମ ଅନୁଯାୟୀ ଦରମା ସହ କର୍ମଚାରୀଙ୍କୁ ଉଚିତ ପ୍ରାପ୍ୟ ଓ ସ୍ଥାୟୀ ନିଯୁକ୍ତି ଦାବିରେ ଓଡ଼ିଶା ମେଡିକାଲ ଆଉଟସୋର୍ସି କର୍ମଚାରୀ ସଂଘ ପକ୍ଷରୁ ଗତ ଏକ ସପ୍ତାହ ଧରି ଭୁବନେଶ୍ୱର ସ୍ଥିତ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଛି। ପ୍ରତିଦିନ ଉକ୍ତ ଧାରଣାରେ ଏମକେସିଜି ମେଡ଼ିକାଲର ଶତାଧିକ ଆଉଟସୋର୍ସି ଆଟେଣ୍ଡାଣ୍ଟ ସାମିଲ ହେଉଛନ୍ତି। ଗୋଟିଏ ପକ୍ଷରେ ଠିକା କର୍ମଚାରୀଙ୍କ ଦାବି ଓ ଅନ୍ୟପକ୍ଷରେ ସରକାର ଏବଂ ମେଡ଼ିକାଲ ଅଧୀକ୍ଷକ ସମେତ ଠିକା ସଂସ୍ଥାର ନୀରବତା ରୋଗୀଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏମକେସିଜି ମେଡ଼ିକାଲର ବିଭିନ୍ନ ବିଭାଗରେ ଆଟେଣ୍ଡାଣ୍ଟ ଅଭାବ କରାଣରୁ ସିଧାସଳଖ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ମେଡିକାଲ ବିଭିନ୍ନ ବିଭାଗରେ ରୋଗୀ ସେବା ସମେତ ଡ଼ାକ୍ତର ଏବଂ କର୍ମଚାରୀଙ୍କୁ ସହଯୋଗ ନିମନ୍ତେ ଏକ ଠିକା ସଂସ୍ଥା ଦ୍ୱାରା ମୋଟ ୨୪୩ଜଣ ଆଟେଣ୍ଡାଣ୍ଟଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ପ୍ରତିଦିନ ମେଡ଼ିକାଲର ବିଭିନ୍ନ ବିଭାଗରେ ପ୍ରତି ସିଫ୍ଟରେ ପ୍ରାୟ ୧୦୦ରୁ ୧୫୦ଜଣ ଆଟେଣ୍ଡାଣ୍ଟର ଆବଶ୍ୟକ ରହୁଛି। କିନ୍ତୁ ଆଉଟସୋର୍ସି କର୍ମଚାରୀ ସଂଘର ଧାରଣା କାରଣରୁ ପ୍ରତି ସିଫ୍ଟରେ ୧୦୦ରୁ ଅଧିକ କର୍ମଚାରୀ ଅନୁପସ୍ଥିତ ରହୁଛନ୍ତି। ଫଳସ୍ୱରୂପ, ବିଭିନ୍ନ ୱାର୍ଡରେ ରୋଗୀ ସେବା ପ୍ରଭାବିତ ହେଉଛି।

ହସ୍ପିଟାଲର ଅନେକ ବିଭାଗରେ ଚିକିତ୍ସିତ ରୋଗୀଙ୍କ ଡ୍ରେସିଂ ହେଉନଥିବା ସହ ଅପରେସନ ଥିଏଟର(ଓଟି) କାର୍ଯ୍ୟକ୍ରମ ମଧ୍ୟ ବାତିଲ ହେଉଥିବା ଅଭିଯୋଗ ଆସିଛି। ମେଡ଼ିକାଲ ପରିସରରେ ଥିବା ଏସଏସ ବ୍ଲକ୍‌ରେ ଥିବା ଅସ୍ଥିଶଲ୍ୟ ବିଭାଗର ୬୧୨ବେଡ଼ରେ ଜଣେ ମହିଳା ରୋଗୀଙ୍କ ଚିକିତ୍ସା ଜାରି ରହିଛି। ଗତ ମଙ୍ଗଳବାର ଟ୍ରମା କେୟାର ସେଣ୍ଟର ଅପରେସନ ଥିଏଟରରେ ଉକ୍ତ ରୋଗୀଙ୍କ ଅପରେସନ କରିବାକୁ ନିଷ୍ପତି ହୋଇଥିଲା। ନିଷ୍ପତି ଆଧାରରେ ଡ଼ାକ୍ତର ଓ କର୍ମଚାରୀ ଉକ୍ତ ଦିନ ଅପରେସନ ନିମନ୍ତେ ସମସ୍ତ ବ୍ୟବସ୍ଥା କରିଥିଲେ। କିନ୍ତୁ ଆଟେଣ୍ଡାଣ୍ଟ ଅଭାବରୁ ରୋଗୀଙ୍କୁ ୱାର୍ଡ଼ରୁ ଓଟିକୁ ସ୍ଥାନାନ୍ତରିତ କରାଯାପାରିଲା ନାହିଁ। ଫଳରେ ରୋଗୀଙ୍କ ଅପରେସନ ବାତିଲ କରାଯାଇଥିଲା। ଏଭଳି ଭାବେ ବହୁ ରୋଗୀଙ୍କ ଆପତକାଳୀନ ଓ ଗୁରୁତର ରୋଗୀମାନଙ୍କ ସ୍ୱାସ୍ଥ୍ୟ ସେବାରେ ପ୍ରଭାବ ପଡୁଥିବା ରୋଗୀ ଏମକେସିଜି ମେଡ଼ିକାଲ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଆଟେଡ଼ାଣ୍ଟ ଅଭାବରୁ ସାଧାରଣ ସେବା ପାଇବାକୁ ମଧ୍ୟ ବହୁ ସମୟ ଅପେକ୍ଷା କରିବାକୁ ପଡୁଥିବା ମେଡ଼ିକାଲର ଡ଼ାକ୍ତର ଓ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। କେତେକ ସ୍ଥାନରେ ରୋଗୀଙ୍କ ପରିବାରଲୋକଙ୍କୁ ନିଜେ ଡ୍ରେସିଂ ଓ ଅନ୍ୟାନ୍ୟ କାମ କରିବାକୁ ବାଧ ହେଉଥିବା ଦେଖାଯାଇଛି। ଏପରି ପରିସ୍ଥିତି ସତ୍ତ୍ୱେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ମେଡିକାଲ କର୍ତ୍ତୃପକ୍ଷ ଓ ଆଟେଡ଼ାଣ୍ଟ ଯୋଗାଇଥିବା ଠିକା ସଂସ୍ଥା ପକ୍ଷରୁ କୌଣସି ସ୍ପଷ୍ଟ ପଦକ୍ଷେପ ନେଉନଥିବା ନେଇ ପ୍ରଶ୍ନ ଉଠୁଛି। କିଛିଦିନ ହେବ ମେଡ଼ିକାଲରେ ସ୍ୱାସ୍ଥ୍ୟ ସେବାର ଏହି ଅବ୍ୟବସ୍ଥା ନେଇ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ସମସ୍ୟାର ଶୀଘ୍ର ସମାଧାନ ନ କରାଗଲେ ପରିସ୍ଥିତି ଆଉ ଗୁରୁତର ହେବାର ଆଶଙ୍କା ରହିଛି। ତେଣୁ ଏଥିପ୍ରତି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ସହ ସମସ୍ୟା ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଯୁବକକୁ ଆକ୍ରମଣର ଭିଡିଓ ଭାଇରାଲ୍; ୨ ଗିରଫ

**ପର୍ଶୁରାମ ଖଣ୍ଡା ଜବତ, ପୁଲିସ ସ୍କାନରରେ ଉମେଶ ରଥ ସମେତ ଏକାଧିକ ଅଭିଯୁକ୍ତ**

ବ୍ରହ୍ମପୁର,୧୮ ।୩(ସମିସ): ସୁବାରାଓ ଛକ ସ୍ଥିତ ଅଲିଭ୍ ହୋଟେଲ୍ ସମ୍ମୁଖରେ ବାପୁଜୀ ନଗରର ଦିନେଶ କୁମାର ପଣ୍ଡା ନାମକ ଜଣେ ଯୁବକକୁ ଖଣ୍ଡାରେ ଆକ୍ରମଣ ହୋଇଥିଲା। ଏହି ମାମଲାରେ ଟାଉନ୍ ଥାନା ପୁଲିସ କେବିଏନ (କୋଇ ଭାଇ ନେହିଁ) ଗ୍ରୁପର ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଆଙ୍କୁଲି ଶିଳ୍ପାଞ୍ଚଳର ରାଜେଶ କୁମାର ମାଝୀ ଓରଫ ରିଙ୍କୁ ମାଝୀ(୩୮) ଓ ଗୋଇଲୁଣ୍ଡିର ଶ୍ରୀକାନ୍ତ ପଣ୍ଡା(୨୪)। ପୁଲିସ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ପର୍ଶୁରାମ ଖଣ୍ଡା ଜବତ କରିଛି।



ସୂଚନାଯୋଗ୍ୟ ଯେ, ଗତ ୧୬ତାରିଖ ରାତିରେ ସୁବା ରାଓ ଛକ ନିକଟରେ ରହୁଥିବା ବିଜେପି ନେତା ସନ୍ଦୀପ କୁମାର ସାହୁ ଓରଫ ମୋଗଲିଙ୍କ ଘର ସମ୍ମୁଖରେ ତାଙ୍କ ସହଯୋଗୀ ଦିନେଶଙ୍କୁ ଦୁର୍ବୃତ୍ତମାନେ ଖଣ୍ଡା ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ପୁଲିସ ପହଞ୍ଚି ଦିନେଶଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିବା ସହ ତାଙ୍କ ବୟାନ ରେକର୍ଡ କରିଥିଲା।

ମାତ୍ର ଏନେଇ ଥାନାରେ କୌଣସି ଅଭିଯୋଗ ନ ହେବାରୁ ପୁଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆକ୍ରମଣ ବେଳର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ପୁଲିସ ଭାଇରାଲ୍ ଭିଡ଼ିଓରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଉମେଶ ରଥ, ରିଙ୍କୁ ମାଝୀ ଓ ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ୮ରୁ ଅଧିକ ଜଣ ଏହି ମାମଲାରେ ସମ୍ପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ରଞ୍ଜିତ କୁମାର ଦାଶ ତଦନ୍ତ ବେଳେ ଜାଣିବାକୁ ପାଇଥିଲେ କି, ଗତ ୧୬ ତାରିଖ ଦିନ ଖଲ୍ଲିକୋଟ କଲେଜ ଛକ ନିକଟରେ ଶ୍ରୀକାନ୍ତ ଓ ଦିନେଶଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶ୍ରୀକାନ୍ତ ତାଙ୍କ ଗୋଷ୍ଠୀର ସଦସ୍ୟମାନଙ୍କୁ ଏହା ଜଣାଇବା ପରେ ସେ ରିଙ୍କୁ ମାଝୀ, ଉମେଶ ରଥ ଏବଂ ଅନ୍ୟମାନଙ୍କ ସହିତ ଦିନେଶ ପଣ୍ଡାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଦିନେଶ ନିୟମିତ ଭାବରେ ସନ୍ଦୀପ ସାହୁ ଓରଫ ମୋଗଲିଙ୍କ ଘରକୁ ଯିବା ଆସିବା କରେ। ଏ କଥା ସେମାନେ ଜାଣିଥିଲେ। ତେଣୁ ୧୬ ତାରିଖ ସନ୍ଧ୍ୟାରେ ମୋଗଲିଙ୍କ ଘର ସମ୍ମୁଖରେ ରିଙ୍କୁ, ଶ୍ରୀକାନ୍ତ ଏବଂ ଅନ୍ୟ ୫-୬ ଜଣ ଦିନେଶଙ୍କୁ ଆକ୍ରମଣ କରିଥିଲେ। ନିକଟରେ ଥିବା ଲୋକମାନେ ହସ୍ତକ୍ଷେପ କରିବା ସମୟରେ, ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ବର୍ତ୍ତମାନ ଆହତ ଦୀନେଶ ପଣ୍ଡାଙ୍କ ଚିକିତ୍ସା ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଜାରି ରହିଛି। ଅଭିଯୁକ୍ତ ରିଙ୍କୁ ଏବଂ ଶ୍ରୀକାନ୍ତଙ୍କୁ ଆଜି ଟାଉନ ଥାନା ପୁଲିସ ଗୋପାଳପୁର ଜଙ୍କସନରୁ ଗିରଫ କରିବା ସହ ପର୍ଶୁରାମ ଖଣ୍ଡା ଜବତ କରିଛି। କେବିଏନ୍ ଗ୍ରୁପର ମୁଖ୍ୟ ଉମେଶ ରଥ ଓ ତାର କିଛି ସହଯୋଗୀ ବର୍ତ୍ତମାନ ଫେରାର ରହିଛନ୍ତି। ସେମାନଙ୍କୁ ପୁଲିସ ଖୁବଶୀଘ୍ର ଗିରଫ କରିବ ବୋଲି ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି।

# ହସ୍ପିଟାଲରୁ ମହିଳା ଡାକ୍ତରଙ୍କ ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୧୮ ।୩(ସମିସ): ଗେଟ୍‌ବଜାର ସ୍ଥିତ ଏକ ଘରୋଇ ହସ୍ପିଟାଲରୁ ଜଣେ ମହିଳା ଡାକ୍ତରଙ୍କ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ଅଭିଯୋଗ ପାଇ ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନାଯୋଗ୍ୟ ଯେ, ମହିଳା ଡାକ୍ତର ଜଣକ ମଙ୍ଗଳବାର ସନ୍ଧ୍ୟାରେ ଗେଟ୍‌ବଜାର ଛକ ନିକଟରେ ଥିବା ଏକ ଘରୋଇ ହସ୍ପିଟାଲର ଓଟିକୁ ଗଲାବେଳେ ନିଜର ସୁନା ଅଳଙ୍କାର ଓ ହୀରା ମୁଦି ଓହ୍ଲାଇ ନିକଟରେ ଥିବା ରୁମ୍‌ରେ ରଖି ଓଟିକୁ ଯାଇଥିଲେ। ସେ ଓଟିକୁ ଯିବାର କିଛିସମୟ ମଧ୍ୟରେ କୌଣସି ଦୁର୍ବୃତ୍ତ ତାଙ୍କର ସୁନା ଅଳଙ୍କାର ଚୋରି କରି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୁନାର ଶଙ୍ଖା ଓ ହୀରା ମୁଦି ସମେତ କିଛି ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରିବା ସହ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରୁଛି।

## ବିଜୁ ପଟ୍ଟନାୟକ ସ୍ମାରକୀ ଦିବାରାତ୍ର ଟି-୨୦ କ୍ରିକେଟ୍

# ଆଲ୍‌ଫା ସ୍ପୋର୍ଟିଂକୁ ହରାଇଲା ଫେମସ୍ କ୍ରିକେଟ୍ କ୍ଲବ୍

ବ୍ରହ୍ମପୁର,୧୮ ।୩(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆଲ୍‌ଫା ସ୍ପୋର୍ଟି କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ତମ ବିଜୁ ପଟ୍ଟନାୟକ ସ୍ମାରକୀ ସର୍ବଭାରତୀୟ ଟି-୨୦ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ କେନ୍ଦୁଝରର ଫେମସ କ୍ରିକେଟ କ୍ଲବ ଠାରୁ ଆଲ୍‌ଫା ରାଇଜିଂ ଷ୍ଟାର ଦଳ ପରାସ୍ତ ହୋଇଛି। ଟସ୍ ଜିତି ଆଲ୍‌ଫା ରାଇଜିଂ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୭ରନ କରିଥିଲା। ଜବାବରେ କେନ୍ଦୁଝର ଫେମସ୍ କ୍ରିକେଟ୍ କ୍ଲବ ୧୩.୧ ଓଭରରେ ୩ ୱିକେଟ ହରାଇ ୧୦୦ରନ କରି ସହଜ ବିଜୟ ଲାଭ କରିଥିଲା। ମ୍ୟାଚକୁ ପୂର୍ଣ୍ଣଚନ୍ଦ୍ର ନାୟକ ଓ ସୁଶାନ୍ତ କୁମାର ପଣ୍ଡା ଅମ୍ପାୟର ଭାବେ ଓ ସତ୍ୟ ନାରାୟଣ ପରିଡା ସ୍କୋର ଭାବେ ପରିଚାଳନା କରିଥିଲେ। ସେହିଭଳି ବୁଧବାର ଟୁର୍ଣ୍ଣାମେଣ୍ଟର ବି ଗ୍ରୁପର କ୍ୱାର୍ଟର ଫାଇନାଲ ମ୍ୟାଚ ଫେମସ କ୍ଲବ ବନାମ ଆୟୋଜକ ଆଲ୍‌ଫା ସ୍ପୋର୍ଟି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଛି। କେନ୍ଦୁଝର ଦଳ ଟସ ଜିତି ପ୍ରଥମେ ବୋଲିଂ କରିବା ସହ ପ୍ରତିପକ୍ଷ ଆଲ୍‌ଫା ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ମ୍ୟାଚ ଶେଷରେ ଆୟୋଜକ ଆଲ୍‌ଫା ସ୍ପୋର୍ଟି କ୍ଲବର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ଉପସ୍ଥିତ ରହି ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



**• ଦ୍ୱିତୀୟ ସେମିଫାଇନାଲ ଆଜି, ପ୍ରଥମ ଦଳ ଭାବେ ଫାଇନାଲରେ ରାଉରକେଲା**

# ତାଲା ବନ୍ଦ ଘରୁ ଚୋରି

ବ୍ରହ୍ମପୁର,୧୮ ।୩(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କୁମ୍ଭାରପଲ୍ଲୀ ଲକ୍ଷ୍ମୀନଗର ୪ର୍ଥ ଲାଇନର ଏକ ତାଲା ବନ୍ଦ ଘରୁ ଚୋରି ହୋଇଛି। ଘର ମାଲିକ କୈଳାସଚନ୍ଦ୍ର ବଡ଼ତ୍ୟା ଗତମାସରେ ଭୁବନେଶ୍ୱରରେ ରହୁଥିବା ନିଜ ପୁଅ ପାଖକୁ ଯାଇଥିଲେ। ଘରେ କେହି ନଥିବାରୁ ତାଲା ପଡିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶି ସୁନା ଓ ରୂପା ଅଳଙ୍କାର ଚୋରି କରିବା ସହ ସିସିଟିଭି ଓ ମେସିନ ଚୋରି କରି ନେଇଥିଲେ। ଗତକାଲି ତାଙ୍କର ଜଣେ ପଡୋଶୀ ଫୋନ କରି ଘରର ଗ୍ରୀଲ ତାଲା ଭଙ୍ଗା ଯାଇଥିବା କହିଥିଲେ। ଏହାପରେ କୈଳାସ ନିଜ ବଡ଼ଭାଇଙ୍କୁ ଫୋନ କରି ଘର ନିକଟକୁ ଯିବାକୁ କହିଥିଲେ। ସେ ଯାଇ ଯାଞ୍ଚ ପରେ ପ୍ରାୟ ୧୭ ଗ୍ରାମ ଓଜନର ସୁନା ଅଳଙ୍କାର, ୧୫୦ ଗ୍ରାମ ଓଜନର ରୂପା ଅଳଙ୍କାର, ସିସିଟିଭି ହାର୍ଡଡିସ୍କ ଆଦି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଅଭିଯୋଗ ପରେ ପୁଲିସ ସନ୍ଧାନୀ କୁକୁର ଦଳ ଓ ସାଇଣ୍ଟିଫିକ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। କୈଳାସଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଚେଷ୍ଟା ଚଳାଇଛି।

ସେହିପରି ନିଗମନଗର ୫ମ ଲାଇନରେ ରହୁଥିବା କମଳ ରଞ୍ଜନ ଆଚାର୍ଯ୍ୟ ଓ ତାଙ୍କ ପରିବାର ଲୋକେ ମାସେ ହେବ ଭୁବନେଶ୍ୱର ଯାଇଥିଲେ। ୧୫ଦିନ ତଳେ ଚୋରମାନେ ତାଙ୍କ ଗ୍ରୀଲର ତାଲା ଭାଙ୍ଗି ଘରେ ପଶି ବହୁ ସାମଗ୍ରୀ ଚୋରି କରିବା ସହ ଯିବାବେଳେ ଗ୍ରୀଲରେ ଏକ ନୂଆ ତାଲା ପକାଇ ଯାଇଥିଲେ। ସେତେବେଳେ ଥାନାରେ ଅଭିଯୋଗ ହୋଇନଥିଲା। ହେଲେ ବର୍ତ୍ତମାନ ପୁଣି ଚୋରମାନେ ତାଙ୍କ ଘରର ତାଲା ଭାଙ୍ଗି ଅଳଙ୍କାର ସହ ଟଙ୍କା ଓ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଗତ କିଛି ଦିନ ହେବ ଚୋରମାନେ ଆଙ୍କୁଲି ସଂପ୍ରସାରଣ ଅଞ୍ଚଳର ତାଲା ବନ୍ଦ ଘରକୁ ଟାର୍ଗେଟ କରି ଆସୁଛନ୍ତି। ସେହି ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କଡାକଡି ପାଇଁ ଦାବି ହୋଇଛି।

■ ସ୍ୱଚ୍ଛ ସର୍ବେକ୍ଷଣ ଅବସରରେ ସ୍ୱତନ୍ତ୍ର ଅଭିଯାନ

# ‘ବାଘ ଭାଇନାଙ୍କ ସ୍ୱଚ୍ଛତା ୱାକ୍’ ଜରିଆରେ ସଚେତନତା



ବ୍ରହ୍ମପୁର,୧୮ ।୩(ସମିସ): ସହରବାସୀଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ‘ବାଘ ଭାଇନାଙ୍କ ସ୍ୱଚ୍ଛତା ୱାକ୍’ ଆୟୋଜିତ ହୋଇଥିଲା। ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଓ କମିଶନର ଏ. ସସ୍ୟା ରେଡ୍ଡୀଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସାଂସଦଙ୍କ ପ୍ରତିନିଧି ଓ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ। ବିଏମସି କାର୍ଯ୍ୟାଳୟ ପରିସରରୁ ଏହି ଅଭିଯାନ ବାହାରି ଗିରିଜା ଛକ, ଏସଏନଟି ରୋଡ, ଗିରି ମାର୍କେଟ, ହନୁମାନ ବଜାର, ସିଟି ହାଇସ୍କୁଲ ରୋଡ ଏବଂ ଶେଷରେ ପୁଣି ବିଏମସି କାର୍ଯ୍ୟାଳୟରେ ପହଞ୍ଚିଥିଲା। ସଚେତନତା ଯାତ୍ରାରେ ବାଘ ଭାଇନାଙ୍କ ସହ ପାଦରେ ପାଦ ମିଳାଇ ସହରବାସୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସହରର ସ୍ୱଚ୍ଛତାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଓ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୬ରେ ବ୍ରହ୍ମପୁର ସହରକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇବା ହେଉଛି ଏହି ଅଭିଯାନର ଲକ୍ଷ୍ୟ। ବାଘ ଭାଇନା ଜରିଆରେ ସହରର ପ୍ରତ୍ୟେକ ନାଗରିକଙ୍କୁ ଓଦା ଓ ଶୁଖିଲା ବର୍ଜ୍ୟ ପୃଥକୀକରଣ ଏବଂ ପ୍ଲାଷ୍ଟିକ ବର୍ଜନ ସହିତ ସେପ୍ଟିକ ଟାଙ୍କିର ସଫେଇ ନିମନ୍ତେ ୧୪୪୨୦ ଟୋଲଫ୍ରି ନମ୍ବରର ଉପଯୋଗ ସମ୍ପର୍କରେ ସଚେତନତା କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମର ସହରର ସମସ୍ତ ୱାର୍ଡରେ ଜାରି ରହିବ ବୋଲି ନିଗମ ପକ୍ଷରୁ କୁହାଯାଇଛି।

## ଆଶାକର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

# ତଦନ୍ତ ପାଇଁ ଏନଏଚ୍‌ଏମ୍ ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ଚିଠି

ବ୍ରହ୍ମପୁର,୧୮ ।୩(ସମିସ)



କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଶାକର୍ମୀ ଚୟନ ପ୍ରକ୍ରିୟାରେ ଅନିୟମିତତା ରହିଥିବା ସହ ଏଥିରେ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ତଦନ୍ତ ନିମନ୍ତେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ(ସିଡ଼ିଏମଓ) ଡ଼ା. ଭବାନୀ ଶଙ୍କର ମିଶ୍ର ଚିଠି ଲେଖିଛନ୍ତି। ସେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ)ର ନିର୍ଦ୍ଦେଶକ ସମେତ ଗଞ୍ଜାମ ଜିଲ୍ଲାପାଳଙ୍କୁ ଚିଠି ଲେଖି ଉକ୍ତ ଅଭିଯୋଗର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି। ପୂର୍ବରୁ ଉକ୍ତ ଅଭିଯୋଗକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇଛି। ସେହିପରି ଚୟନ କମିଟି ପକ୍ଷରୁ ଯୋଗ୍ୟ ପାର୍ଥୀଙ୍କୁ ବାଦ ଦେଇ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିଥିବା ଜଗଦଳପୁର ଗ୍ରାମର ଆବେଦନକାରୀ ସଞ୍ଜୁକ୍ତା କୁମାରୀ ସାହୁଙ୍କ ସ୍ୱାମୀ ପବିତ୍ର ଦାସ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ସ୍ୱାମୀ ପବିତ୍ର ଗତ ଦୁଇ ଦିନ ହେବ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ(ସିଡ଼ିଏମଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଜାରି ରଖିଛନ୍ତି। ଘଟଣାର ତଦନ୍ତ ସହ ଯୋଗ୍ୟ ପ୍ରାର୍ଥୀଙ୍କୁ ଆଶାକର୍ମୀ ଭାବେ ଚୟନ କରିବାକୁ ପବିତ୍ର ଦାବି କରିଛନ୍ତି। ତାଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ସେ ଆମରଣ ଅନଶନ ଜାରି ରଖିବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଘଟଣାକୁ ନେଇ ଏସବିଏଲ୍ ଏନ୍‌ଜିଓ ସ୍ୱଚ୍ଛୋସେବୀ ସଂଗଠନର ସଭାପତି ରବୀନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ୫ଜଣିଆ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ପବିତ୍ରଙ୍କ ସହ ଆଲୋଚନା କରିବା ସହ ଘଟଣା ସମ୍ପର୍କରେ ସିଡିଏମଓ ଡ଼ା. ଭବାନୀ ଶଙ୍କର ମିଶ୍ର ଓ ଡିପିଏମ୍ ବୁଲୁନାଥ ସାହୁଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସବିଏଲର ସଦସ୍ୟ ରବୀନ୍ଦ୍ର ଗୌଡ଼, ଉମା ଶଙ୍କର ସାହୁ, ସ୍ୱପ୍ନ ଶତପଥି ଓ ବି. ଜନାର୍ଦ୍ଦନ ରେଡ୍ଡୀ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଦିନରେ ଅନଶନ ଜାରି

ସୂଚନାଯୋଗ୍ୟ ଯେ, ଗତ ୩୦ ଅଗଷ୍ଟ ୨୦୨୪ରେ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଜଗଦଳପୁର ଅଞ୍ଚଳରର ଅଙ୍ଗନବାଡ଼ି-୬ ଅଞ୍ଚଳର ଆଶା ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏହାର ଶେଷ ତାରିଖ ୯ ସେପ୍ଟମ୍ବର ୨୦୨୪ ମସିହା ରହିଥିଲା। ଏଥିରେ ମୋଟ ୧୫ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ଚୟନ ପ୍ରକ୍ରିୟାରେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ବିଭିନ୍ନ ଅଧିକାରୀଙ୍କ ଅନୁକମ୍ପାରେ ନିର୍ଦ୍ଦିଷ୍ଟ ଏକ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିବା ଅଭିଯୋଗ ହୋଇଥିଲା।

St. XAVIER'S HIGH SCHOOL®
EDUCATION FOR ALL
Co-Ed. English Medium, C.B.S.E. Pattern
GALLERY NO. 5, CLUB HOUSE GATE, BARABATI STADIUM, CUTTACK- 753001

PUBLIC NOTICE

St. Xavier's High School (CBSE Pattern), At: Gallery No-5, Barabati Stadium, Cuttack-753001 having COR No. 211218048/COR/2023 is established, run and managed by St. Xavier'sEducational and Charitable Trust (PAN No. AAHTS3592G)

IMPORTANT ADVISORY TO PARENTS: All parents and guardians are hereby notified and requestd to deposit the school fee amount ONLY into the authorized school/ trust bank accounts listed below.

ACCOUNT DETAILS

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : Axis Bank
A/C No. : 926020008300220

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : IOB Bank
A/C No. : 182101000002533

-By order of Managment

# ପ୍ରଶାସନର ଚଢ଼ଉ; ଭାଙ୍ଗିଲା ମାଟି ଇଟାଭାଟି

କାଶୀନଗର,୧୮।୩(ସମିସ)





କାଶୀନଗର ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ଚାଲିଥିବା ଇଟା ଭାଟିକୁ ବନ୍ଦ କରାଯାଇଛି। ରାଜ୍ୟରେ ତଥା ସମସ୍ତ ଜିଲ୍ଲାରେ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସରକାର କିଛିବର୍ଷ ହେଲା ମାଟି ତିଆରି ଇଟାଭାଟି ଉପରେ କଟକଟା ଜାରି କରିଥିବା ବେଳେ କାଶୀନଗରରେ କିନ୍ତୁ ବେଆଇନ ଇଟାଭାଟି ଦିନକୁ ଦିନ ବଢ଼ି ଚାଲିଛି। ପୂର୍ବରୁ କାଶୀନଗର ତହସିଲ ଅନ୍ତର୍ଗତ ରାଣୀପେଣ୍ଠ, ସୀତାପୁର ଓ ହାଡୁଭାଙ୍ଗି ପଞ୍ଚାୟତର ବିଭିନ୍ନ ଇଟାଭାଟିକୁ ବନ୍ଦ କରିଥିଲା ପ୍ରଶାସନ। ତା'ପରେ ବି କିଛି ଲୋକେ ପ୍ରଶାସନକୁ ବେଖାତିର କରି ବେଆଇନ ଇଟାଭାଟି ଚଳାଇଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, କାଶୀନଗର ତହସିଲଦାର ସୁଧୀର କୁମାର ନନ୍ଦ, ଜିଲ୍ଲା ଖଣି ଅଧିକାରୀ ଦୀପେନ୍ ପରିଡ଼ାଙ୍କ ଉପସ୍ଥିତିରେ ସ୍ଥାନୀୟ ପୁଲିସ ସହ ଏକ ପ୍ଲାଟୁନ୍ ଫୋର୍ସ ପହଞ୍ଚି ବେଆଇନ ଇଟାଭାଟି ଭାଙ୍ଗିଥିଲେ।

ବୁଧବାର କାଶୀନଗର ତହସିଲ ଅଞ୍ଚଳର ଖାଣ୍ଡବା ପଞ୍ଚାୟତ ବାଡ଼ିଗାଁ, ସାରା, ନୂଆସାରା ଗ୍ରାମରେ ଚାଲିଥିବା ବେଆଇନ ଇଟାଭାଟିରେ

**ଲକ୍ଷାଧିକ ଟଙ୍କାର ଇଟା ନଷ୍ଟ**

ଜେସିବି ଦ୍ୱାରା ଇଟାକୁ ନଷ୍ଟ କରାଯାଇଥିଲା। ତିନି ମାସ ପୂର୍ବରୁ ବେଆଇନ ଇଟାଭାଟି ବନ୍ଦ ନେଇ ମାଲିକଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦେଶପତ୍ର ଦିଆଯାଇଥିବା ପରେ ବି ଉକ୍ତ ଇଟାଭାଟି ପକାଇ ମାଲିକ ବେଆଇନ ଭାବେ ଇଟା ତିଆରି କରୁଥିଲେ। ଇଟାଭାଟି ମାଲିକ ସରକାର ନିର୍ଦ୍ଦେଶକୁ ଅବମାନନା କରିଥିବା ଯୋଗୁ ପ୍ରଶାସନ ଏହି ନିଷ୍ପତ୍ତି ନେଇଥିବା ଉପଜିଲ୍ଲାପାଳ କହିଛନ୍ତି। ଗୋଟିଏ ପଞ୍ଚାୟତରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଇଟାଭାଟିକୁ ବନ୍ଦ କରାଯାଇଥିବା ବେଳେ ଆନୁମାନିକ ୧୦ଲକ୍ଷ ଟଙ୍କାର ଇଟାକୁ ନଷ୍ଟ କରାଯାଇଛି। ସେହିପରି ଖଣି ବିଭାଗ ପକ୍ଷରୁ ଉକ୍ତ ପଞ୍ଚାୟତର ବିଭିନ୍ନ ଇଟାଭାଟିରେ ପ୍ରାୟ ୧୦ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଜିଲ୍ଲା ଖଣି ଅଧିକାରୀ ଦିପେନ ପରିଡ଼ା ସୂଚନା ଦେଇଛନ୍ତି। ବର୍ତ୍ତମାନ କାଶୀନଗର ତହସିଲ ଅଧିନର ଯେ କୌଣସି ସ୍ଥାନରେ ବେଆଇନ ଇଟାଭାଟି ଚାଲିଲେ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି।

## କୁକୁର କାମୁଡ଼ାରେ ୫ ଗୁରୁତର

ରାୟଗଡ଼,୧୮।୩(ସମିସ): ରାୟଗଡ଼ ବ୍ଲକ ସଦର ମହକୁମାରେ ବୁଧବାର ବୁଲା କୁକୁର କାମୁଡ଼ାରେ ୫ ଜଣ ଗୁରୁତର ହୋଇଛନ୍ତି। ରାୟଗଡ଼ ଗ୍ରାମର ଟିଲ ବେହେରା (୫୮), ଯଶବନ୍ତ ଭୂୟାଁ (୧୩), ରେଶମା ଶବର (୧୨), ଭୈରବ ଶବର(୮), କନ୍ତାରୁଣି ବେହେରା (୭୫) ଆହତ ହୋଇଥିବା ବେଳେ ସେମାନେ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଗୋଟିଏ ମାତ୍ର କୁକୁର ବୁଲି ବୁଲି ୫ ଜଣଙ୍କୁ କାମୁଡ଼ି ଆହତ କରିଥିବା ଯୋଗୁ ଉକ୍ତ କୁକୁର ପାଗଳ ହୋଇଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ସେହି କୁକୁରକୁ ଚିହ୍ନଟ କରି ଧରିବା ଓ ଆହତଙ୍କୁ ସଠିକ୍ ଚିକିତ୍ସା ପାଇଁ ସାଧାରଣରେ ଦାବି ହେଉଛି।

## ବେଆଇନ ବାଲି ଚାଲାଣ ବେଳେ ଟ୍ରାକ୍ଟର ଜବତ




ପାରଳାଖେମୁଣ୍ଡି,୧୮।୩(ସମିସ): ପାରଳାଖେମୁଣ୍ଡିକୁ ଏକ ଚୋରା ବାଲି ଚାଲାଣ ଟ୍ରାକ୍ଟର ପ୍ରବେଶ କରିବା ସମୟରେ ଜିଲ୍ଲା ଖଣି ବିଭାଗ ଜବତ କରିଛି। ଚୋରା ବାଲି ନେଇ ଟ୍ରାକ୍ଟର ସହରରେ ପ୍ରବେଶ କରୁଥିବା ବେଳେ ଜିଲ୍ଲା ଖଣି ଅଧିକାରୀ ଦିପେନ ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଗାଡ଼ି ଅଟକାଇ ଯାଞ୍ଚ କରାଯାଇଥିଲା। ଗାଡ଼ି ଚାଳକ ସଠିକ ନଥିପତ୍ର ଦେଖାଇ ନ ପାରିବାରୁ ଗାଡ଼ିକୁ ଅଟକ ରଖାଯାଇଥିଲା। ଜରିମାନା ବାବଦରେ ୫୧ ହଜାର ଟଙ୍କା ଅନାଦେୟ ହେବାରୁ ଟ୍ରାକ୍ଟରକୁ ଜବତ କରାଯାଇଛି। ଜରିମାନା ଆଦାୟ ପରେ ଛଡା ଯିବ ବୋଲି ଜିଲ୍ଲା ଖଣି ଅଧିକାରୀ ସୂଚନା ଦେଇଛନ୍ତି।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ କେନ୍ଦ୍ରାପଡ଼ା ଦମ୍ପତି

ପାରଳାଖେମୁଣ୍ଡି,୧୮।୩(ସମିସ): ଗଜପତି ଜିଲ୍ଲାର ୮୧ ତମ ଶିଶୁଙ୍କୁ ଜିଲ୍ଲାପାଳ ଅକ୍ଷୟସୁନୀଲଅଗ୍ରୱାଲ ଆଜି ପୋଷ୍ୟସନ୍ତାନ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଅବିବାହିତା ମାତାଙ୍କ ଦ୍ୱାରା ସମର୍ପିତ ହୋଇଥିବା ଏହି ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାରେ ରଖାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ସଦସ୍ୟା ମମତରାଣୀ ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିରଳ ପ୍ରଜାତିର ସାପ ଉଦ୍ଧାର



ଜି.ଉଦୟଗିରି,୧୮।୩(ସମିସ): ଜି ଉଦୟଗିରି ଶ୍ରୀରାମପଦାର ଗ୍ୟାରେଜରୁ ଏକ ବିରଳ ପ୍ରଜାତିର ନୀଳ ସାପକୁ ଉଦ୍ଧାର କରିଛି ସ୍ନେକ ହେଲ୍ପ ଲାଇନ ଟିମ। ସାପ ଦେଖି ଭୟଭୀତ ହୋଇ ଗ୍ୟାରେଜ ମାଲିକ ସ୍ନେକ ହେଲ୍ପ ଲାଇନ ଟିମକୁ ଖବର ଦେଇଥିଲେ। ଟିମ ତରଫରୁ ଲାଲୁ ପରିଛା, ମଳୟ ମହନ୍ତି, ଜଗନ୍ନାଥ ନାୟକ, ରାଜୀବ ଦଳବେହେରା ପହଞ୍ଚି ତିନି ଫୁଟିଆ ବିରଳ ପ୍ରଜାତି ନୀଳ ସାପକୁ ଧରିଥିଲେ। ସାପ ଟିକୁ ନିକଟସ୍ଥ କଳିଙ୍ଗ ଜଙ୍ଗଲରେ ଛାଡି ଦେଇଥିବା ସ୍ନେକ ହେଲ୍ପ ଲାଇନ ସଦସ୍ୟ କହିଛନ୍ତି।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଫୁଲବାଣୀ/ଟିକାବାଲି,୧୮।୩(ସମିସ): ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟିକାବାଲି ବିଡ଼ିଓ ବିଷ୍ଣୁ ଗୋବିନ୍ଦ ଯୋଗ ଦେଇ ସରକାର ଯେଉଁ ଆଭିମୁଖ୍ୟ ନେଇ ଏହି ତାଲିମ ଶିବିର ଆୟୋଜନ କରିଛନ୍ତି ତାହା ଛାତ୍ରୀ ମାନେ ନିଜକୁ ସୁରକ୍ଷିତ ରଖି ସଶକ୍ତ ହେଲେ ଦେଶ ସଶକ୍ତ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଟିକାବାଲି ଥାନାର ସବ ଇନିସପେକ୍ଟର ଅବନୀ ପ୍ରଧାନ, ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ, ବନମାଳୀ ବେହେରା ଓ ନରେନ୍ଦ୍ର ଦିଗାଳ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଆଧ୍ୟାପିକା ସ୍ମୃତିରେଖା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରତନ ଦିଗାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ବିରୁପାକ୍ଷ ତ୍ରିପାଠୀ ତୁଷାରକାନ୍ତ ପଣ୍ଡା, ରାହୁଲ ପ୍ରଧାନ, ବରିଷ୍ଠ କାର୍ଯ୍ୟାଳୟ ଅଧିକାରୀ ମନୋଜ କୁମାର ଭୋଇ, ଆଧ୍ୟାପିକା ନିବେଦିତା ଭୋଇ, ଚମ୍ପା ସୋରେନ, ସଂଘମିତ୍ରା ଦାସ, ଅଙ୍କିତା ପ୍ରିୟଦର୍ଶିନୀ ଓ ମିସ୍ ମିରମ୍ବିକା ସହଯୋଗ କରିଥିଲେ। ଶିବିରରେ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରି ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ଶିକ୍ଷା କରିଥିଲେ।

## ବ୍ରାହ୍ମଣୀଗାଁରେ ଭୀମଭୋଇ ଭିନ୍ନକ୍ଷମ ଶିବିର

ବ୍ରାହ୍ମଣୀଗାଁ, ୧୮।୩ (ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦାରିଙ୍ଗବାଡି ବ୍ଲକ ପ୍ରଶାସନ ସହଯୋଗରେ ବୁଧବାର ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ସଂଯୋଜନା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତିରଞ୍ଜନ ରଥଙ୍କ ଉପସ୍ଥିତିରେ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟାଳୟରୁ ଆସିଥିବା ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଭିନ୍ନକ୍ଷମଙ୍କୁ ଚିହ୍ନଟ କରିଥିଲେ। ଉକ୍ତ ବ୍ଲକ ଅଞ୍ଚଳର ୨୫୦ ଜଣ ବିଭିନ୍ନ ବର୍ଗର ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିବା ବେଳେ ୬୫ଖାରଜ ହୋଇଥିବା ସୂଚନା ରହିଛି। ପ୍ରାପ୍ତ ସୂଚନା ପ୍ରକାରେ ଅସ୍ଥିଶଲ୍ୟ ୯୮, ମସ୍ତିଷ୍କ ଘାତ/ ମାନସିକ ବିକୃତି ୨୭, ଦୃଷ୍ଟିବାଧିତ ୧୨, ଶ୍ରବଣ ଶକ୍ତି/ ବାକ୍‌ଶକ୍ତି ବାଧିତ ୩୩, ରକ୍ତ ଶିକୁଳି ୧୫ ଏହି ଭଳି ସର୍ବ ମୋଟ ୧୮୫ ପଞ୍ଜୀକୃତ ହୋଇଥଲା। ଏହି ଭିନ୍ନକ୍ଷମ ଶିବିରରେ ରୋଗୀଙ୍କୁ ବ୍ୟକ୍ତିଗତ ସୁବିଧା ସାଧାରଣରେ ଉପଲବ୍ଧ ହୋଇନଥିବା ହେତୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅବସରରେ ଉପଖଣ୍ଡ ସାମାଜିକ ଅଧିକାରୀ ମମିତା କୁମାରୀ ପ୍ରଧାନ, ଜିଲ୍ଲା ଭିନ୍ନକ୍ଷମ ଥଇଥାନ ଅଧିକାରୀ ଅକ୍ଷୟ କୁମାର ପଣ୍ଡା, ଜିଲ୍ଲା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟ ରଞ୍ଜନ ସାହୁ, କନିଷ୍ଠ ସହାୟକ କ୍ଷିତିଶ ପ୍ରିୟଦର୍ଶୀ ସାହୁ ଉପସ୍ଥିତ ଥିଲେ।

## ନୂଆ ଏସ୍‌ଡିପିଓଙ୍କୁ ଶୁଭେଚ୍ଛା



ଜି.ଉଦୟଗିରି୧୭।୩(ସମିସ): ଜି.ଉଦୟଗିରି ନୂତନ ଏସଡିପିଓ ଭାବେ କାର୍ଯ୍ୟରେ ଦେଇଛନ୍ତି ଆଇପିଏସ ଅଧିକାରୀ ଅନୁଗୁଶିବା ମାରୁତି ରେଡି। ବିଭିନ୍ନ ସଂଗଠନ ତରଫରୁ ତାଙ୍କୁ ଶୁଭେଚ୍ଛା ଓ ସ୍ୱାଗତ କରାଯାଇଛି। ଶ୍ରୀରାମ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ସାକ୍ଷାତ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବାଘ, ଉପ ସଭାପତି ଦୁର୍ଗାମାଧବ ପଟ୍ଟନାୟକ, କୋଷାଧକ୍ଷ ହେମନ୍ତ ପ୍ରଧାନ, ଉପଦେଷ୍ଟା ସୁଦାମ ପାତ୍ର, ସମ୍ପାଦକ ପ୍ରଶାନ୍ତ ବଗର୍ତ୍ତି ଓ ସଭ୍ୟ ଦୀପକ ଦଳବେହେରା ଏଥିରେ ସାମିଲ ଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ଗଜପତି ଶାଖାର କାର୍ଯ୍ୟକାରିଣୀ ବୈଠକ



ପାରଳାଖେମୁଣ୍ଡି,୧୮।୩(ସମିସ): କର୍ମରତ ସାମ୍ବାଦିକଙ୍କୁ ୟୁଜେଏ ପକ୍ଷରୁ ମିଳିଲା ବଡ଼ ଆଶ୍ୱସ୍ତି। ସଙ୍ଘର ସମସ୍ତ ସଦସ୍ୟଙ୍କୁ ମିଳିବ ବୀମା ସହ ତ୍ୱରିତ ଆର୍ଥିକ ଏବଂ ଆଇନଗତ ସହାୟତା। ଉକ୍ରଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଏନେଇ ନିଆଯାଇଛି ବଡ଼ ନିଷ୍ପତ୍ତି। ଗଠିତ ହେଲା ଜିଲ୍ଲାସ୍ତରୀୟ ସାମ୍ବାଦିକ କଲ୍ୟାଣ ପାଣ୍ଠି। ଜଟିଳ ପରିସ୍ଥିତିରେ ସାମ୍ବାଦିକଙ୍କୁ ଏଥିରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ, ସମୟ ସମୟରେ ଆକ୍ରୋଶର ଶିକାର ହୋଇଥିବା ସାମ୍ବାଦିକଙ୍କୁ ଆଇନଗତ ସହାୟତା ଯୋଗାଇ ଦେବାକୁ ଏକ ଅଭିଜ୍ଞ ଆଇନଜୀବୀଙ୍କୁ ସଂଘ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଏଥିସହ ସଂଘର ସମସ୍ତ ସଦସ୍ୟଙ୍କୁ ବୀମାଭୁକ୍ତ କରାଯାଇଛି। ଫଳରେ କୌଣସି ଦୁର୍ଘଟଣା କିମ୍ବା ଅଘଟଣ ସମୟରେ ଚିକିତ୍ସା ବାବଦକୁ କିମ୍ବା ପରିବାର ବର୍ଗଙ୍କୁ ବୀମା ରାଶି ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଅନେକ ସମୟରେ ଏହି ସବୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସାମୂହିକ ଭାବେ ସରକାରଙ୍କୁ ଅନୁରୋଧ କରିଆସୁଛନ୍ତି ବିଭିନ୍ନ ସାମ୍ବାଦିକ ସଂଘ। କିନ୍ତୁ ଜିଲ୍ଲାସ୍ତରରେ ଗଜପତି ଜିଲ୍ଲା ଉକ୍ରଳ ସାମ୍ବାଦିକ ସଂଘ ପକ୍ଷରୁ ଏଭଳି ସାମ୍ବାଦିକଙ୍କ ହିତ ପାଇଁ ପ୍ରେରଣାଦାୟୀ ପଦକ୍ଷେପ ନିଆଯାଇଛି ଯାହାକୁ ନେଇ ସାମ୍ବାଦିକ ମହଲରେ ଖୁସି ବ୍ୟକ୍ତ କରାଯାଇଛି। ଆଜି ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଉକ୍ରଳ ସାମ୍ବାଦିକ ସଂଘର ଗଜପତି ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର.ଆର.କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ବହୁ ସଦସ୍ୟ ଯୋଗ ଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ପରେ ସଙ୍ଘ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ବୈଠକରେ ସଙ୍ଘର ପୂର୍ବତନ ଜିଲ୍ଲା ସଭାପତି ଅବସର ଘୋଷଣା କରିବା ପରେ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଙ୍ଘର ନୂତନ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଦ୍ୱିଜେନ୍ଦ୍ରନାଥ ପାଢୀ, ସାଧାରଣ ସମ୍ପାଦକ ଭାବେ ନନ୍ଦିଘୋଷ ଟିଭିର ଜିଲ୍ଲା ପ୍ରତିନିଧି ସରୋଜ ବୀର, କାର୍ଯ୍ୟକାରୀ ସଭାପତି ସୁଜିତ ବିଶୋଇ ଓ ଉପସଭାପତି ଭାବେ ସନ୍ତୋଷ ପଟ୍ଟନାୟକ ଓ ପଞ୍ଚାନନ ଦାସ ଏବଂ ସହସମ୍ପାଦକ ଭାବେ ସୁଜିତ ପ୍ରଧାନ ଏବଂ କୋଷାଧକ୍ଷ ଭାବେ ଦିଲୀପ ଶତପଥୀଙ୍କୁ ଦାୟିତ୍ୱ ଦିଆଯାଇଛି। ଆଇନଗତ ପରାମର୍ଶଦାତା ଭାବେ ଆଇନଜୀବୀ ବି. ପ୍ରବୀଣ କୁମାରଙ୍କୁ ନିଯୁକ୍ତି ଦିଆଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଭଗବତ ପାଢ଼ୀ, ପ୍ରଦୀପ ନାୟକ, ବିଧାନ ଚୈଧୁରୀ, ହୃଷୀକେଶ ଗୌଡ ଏବଂ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ବରିଷ୍ଠ ସାମ୍ବାଦିକ ପ୍ରେମ ଲାଲ ମିଶ୍ର, ପ୍ରଶାନ୍ତ ମିଶ୍ର, ସୂର୍ଯ୍ୟ ପରାଗ ଛିଞ୍ଚାଣି, ଭଗବାନ ନାୟକ, ବିବେକାନନ୍ଦ ବେହେରାଙ୍କୁ ଚୟନ କରାଯାଇଛି। ଜିଲ୍ଲା ସ୍ତରରେ ସାମ୍ବାଦିକଙ୍କ ନିମନ୍ତେ ଉତ୍ସର୍ଗୀକୃତ ଭାବେ ସଙ୍ଗଠନ କାର୍ଯ୍ୟ କରିବ ବୋଲି ସଭାପତି ଶ୍ରୀ ପାଢୀ କହିଛନ୍ତି।

## ରାଉରକେଲାରେ ପଣ୍ଡିତ ରଘୁନାଥ ପାତ୍ର ସମ୍ମାନିତ




ପାରଳାଖେମୁଣ୍ଡି,୧୮।୩(ସମିସ): ରାଉରକେଲାର ଜୟଦେବ କଳା ବିକାଶ କେନ୍ଦ୍ରରେ ଦୁଇ ଦିନ ଧରି ଓଡ଼ିଶୀ ସଂଗୀତ ମହୋତ୍ସବରେ ପାରଳାଖେମୁଣ୍ଡିର ପଣ୍ଡିତ ରଘୁନାଥ ପାତ୍ରଙ୍କୁ ସମ୍ମାନିତ କରାଯାଇଛି। ଶ୍ରୀପାତ୍ର ଓଡ଼ଶୀ ସଂଗୀତ ପରିବେଷଣ କରିବା ସହ ଆୟୋଜିତ ଆଲୋଚନାଚକ୍ର "ଓଡ଼ିଶୀ ସଂଗୀତର ବର୍ତ୍ତମାନ ଓ ଭବିଷ୍ୟତ'ରେ ଭାଗନେଇ ଦକ୍ଷିଣୀ ସଂଗୀତ ତଥା କଳିଙ୍ଗ ସଂଗୀତର ସ୍ୱତନ୍ତ୍ରତା ବିଷୟରେ ଆଲୋକପାତ କରିବା ସହ ଏହି ପୁରାତନ ଶୈଳୀର ପୁନରୁଦ୍ଧାର ପାଇଁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ଜିଲ୍ଲା ସଦରମହକୁମା ଓ ପ୍ରତ୍ୟେକ ସରକାରୀ ସ୍କୁଲରେ ରାଜ୍ୟ ସରକାର ଓଡ଼ିଶୀ ସଂଗୀତ ଶିକ୍ଷକ ନିଯୁକ୍ତ କରି ଛାତ୍ରଛାତ୍ରୀଙ୍କୁ ଓଡ଼ିଶୀ ସଂଗୀତ ଶିକ୍ଷାଦାନ କଲେ ଏହାର ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ବିଶିଷ୍ଟ ଗବେଷକ ଡ.ଶାନ୍ତନୁ କୁମାର ରଥ ଓ ବିଶିଷ୍ଟ ମର୍ଦ୍ଦଳ ବାଦକ ସଚ୍ଚିଦାନନ୍ଦ ଦାସ ଯୋଗ ଦେଇଥିଲେ। ଶେଷରେ ପଣ୍ଡିତ ରଘୁନାଥ ପାତ୍ରଙ୍କୁ ଜୟଦେବ କଳା ବିକାଶ କେନ୍ଦ୍ର ତରଫରୁ ସ୍ମୃତିଫଳକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲେ।

## ଫସଲରେ ଖାଦ୍ୟସାର ଅଭାବର ସମାଧାନ ନେଇ ତାଲିମ

ଜି.ଉଦୟଗିରି,୧୮।୩(ସମିସ): ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାର ୧୫ ଜଣ କୃଷି ସମ୍ପ୍ରସାରଣ କର୍ମଚାରୀଙ୍କୁ ଫସଲରେ ଖାଦ୍ୟସାର ଅଭାବ ଜନିତ ଲକ୍ଷଣ ଓ ଏହାର ସମାଧାନ ଉପାୟ ଭିତ୍ତିକ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଫସଲର ଅଭିବୃଦ୍ଧି ପାଇଁ କେନ୍ଦ୍ରର ବୈଜ୍ଞାନିକ ଡ. ସୁଜିତ୍ କୁମାର ମୁଖି ବିସ୍ତୃତ ଭାବରେ ତାଲିମ୍ ଦେଇଥିବା ବେଳେ କେନ୍ଦ୍ରର ମୁଖ୍ୟ ଡ. ନାରାୟଣ ବାର, ବୈଜ୍ଞାନିକ ସନତ କୁମାର ମେହେର, ପ୍ରଶାନ୍ତ କୁମାର ନନ୍ଦ , ସୁମିତ୍ରା ହେମ୍ବ୍ରମ ଫସଲର ଖାଦ୍ୟସାର ଆବଶ୍ୟକତାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ।



ପୋଷାକ ତତ୍ତ୍ୱର ସଠିକ୍ ଆବଶ୍ୟକତା, ଏହାର ଅଭାବ ହେଲେ ଫସଲ ଉପରେ ପ୍ରତିକୂଳ ପ୍ରଭାବ ଓ ସଠିକ୍ ଲକ୍ଷଣ ତଥା ଏହାର ସମାଧାନ ସୂତ୍ର ବିଷୟରେ କୃଷି ବିଜ୍ଞାନ କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ କୃଷି ବିଜ୍ଞାନ କେନ୍ଦ୍ରର କର୍ମକର୍ତ୍ତା ଦିବ୍ୟସିଂହ ପ୍ରଧାନ ଓ ଶ୍ରୀଯୁକ୍ତ ପବିତ୍ର ମୋହନ ପ୍ରଧାନ ବିଭିନ୍ନ ଦିଗରେ ସହଯୋଗ କରିଥିଲେ।

## ପଞ୍ଚକୋଷ କ୍ଷତ୍ରୀୟ ସୁଦ ସମାଜର ବାର୍ଷିକ ସମ୍ମିଳନୀ ପାଇଁ କଳସ ଯାତ୍ରା



ଫିରିଙ୍ଗିଆ,୧୮।୩(ସମିସ): ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତର ଉଆଦୁର୍ଗା (ଖମାରି ସାହି) ଘାଟି ତଳ ମୌଜାରେ ପଞ୍ଚକୋଷ କେନ୍ଦ୍ର ତରଫରୁ ଚଳିତ ବର୍ଷର କ୍ଷତ୍ରୀୟ ସୁଦ କୂଳ ସମାଜର ବାର୍ଷିକ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ଅବସରରେ ବୁଧବାର ଦିନ ଉଆଦୁର୍ଗା ଗାଁ ବୈଠକ ମଣ୍ଡପ ଠାରୁ ଏକ କଳସୀ ଯାତ୍ରା ବାହାରି ସ୍ଥାନୀୟ ବରେବାଟା ନାଳରୁ ଯଥା ବିଧି ଜଳ କଳସୀ ଅଣାଯାଇଥିଲା। ଜଳ କଳସୀ ସ୍ଥାପନ ପରେ ମା ଇଷ୍ଟ ଦେବୀଙ୍କୁ ସଭା ମଣ୍ଡପରେ ସ୍ଥାପନ କରାଯାଇ ଭାଗବତ ଗାଦି ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ପଞ୍ଚକୋଷ ବାର୍ଷିକ ସମ୍ମିଳନୀର ଦାୟିତ୍ୱ ଘାଟି ତଳ ୬ ଖଣ୍ଡ ମୌଜା ନେଇଥିବା ବେଳେ କଳସ ଯାତ୍ରାରେ ପଞ୍ଚକୋଷ କେନ୍ଦ୍ର ସଭାପତି କୃପାସିନ୍ଧୁ ବିଶୋଇ, ଉପସଭାପତି ସତ୍ୟ ବିଶୋଇ, ଦକ୍ଷିଣାଞ୍ଚଳ ଜିଲ୍ଲା ନିର୍ବାଚନ ଅଧିକାରୀ ଉତ୍ତମ ଖମାରି, ଜିଲ୍ଲା ବୋର୍ଡ ସଦସ୍ୟ ଭିକାରୀ ଭୁକ୍ତା, କାଞ୍ଚିହାଣ୍ଡି ବାଳକୃଷ୍ଣ ଭୁକ୍ତା, ଜିଲ୍ଲା ବୋର୍ଡ ସଦସ୍ୟ ବିଷ୍ଣୁ ବିଶୋଇଙ୍କ ସମେତ ପଞ୍ଚକୋଷ କେନ୍ଦ୍ରର ୨୭ ମୌଜା ଅଧୀନ ସୁଦ କୂଳ ସମାଜର ସମାଜବାସୀ ଯୋଗ ଦେଇଥିଲେ। ଏକ ସହ ଆଠ କଳସୀ ସଭା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବୁଧବାର ଠାରୁ ଆରମ୍ଭ ହୋଇ ଆସନ୍ତା ଶୁକ୍ରବାର ୨୦ ତାରିଖରେ ସମାପ୍ତି ହେବା ନେଇ କମିଟି ତରଫରୁ ସୂଚନା ମିଳିଛି। ଘାଟି ତଳ ମୌଜା ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଭୁକ୍ତା, ଚକ୍ରଧର ବିଶୋଇ, ସମ୍ପାଦକ କଶ୍ୟପ ଖମାରି, ବସନ୍ତ ଭୁକ୍ତା, ପ୍ରତାପ ଖମାରି, ରୋହିତ ବିଶୋଇ ଓ ପୂର୍ଣ୍ଣଚନ୍ଦ୍ର ଖମାରିଙ୍କ ସହ ସମସ୍ତ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

**ଏନ୍‌ଏଚ୍‌ଆର୍‌ସି ମନିଟରଙ୍କ କନ୍ଧମାଳ ଗସ୍ତ**

# ଆଦିବାସୀ କଲ୍ୟାଣ ଯୋଜନାର ସମୀକ୍ଷା

ଫୁଲବାଣୀ,୧୮।୩(ସମିସ)

କନ୍ଧମାଳ ଜିଲ୍ଲାରେ ଆଦିବାସୀ କଲ୍ୟାଣ ଏବଂ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ ପାଇଁ ଜାତୀୟ ମାନବାଧିକାର କମିଶନର ଆଦିବାସୀ କଲ୍ୟାଣ ବିଭାଗର ସ୍ୱତନ୍ତ୍ର ମନିଟର ହେମନ୍ତ କୁମାର ଦୁଇ ଦିନିଆ ଗସ୍ତରେ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେ ଫୁଲବାଣୀରେ ପହଞ୍ଚି ସର୍କିଟ୍ ହାଉସରେ ରାତ୍ରି ଯାପନ କରିଥିଲେ। ବୁଧବାର ସକାଳ ୮ଟାରେ ସେ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତୃଣମୂଳ ସ୍ତରରେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ଯେପରିକି "ଆଦି କର୍ମଯୋଗୀ' ଏବଂ "ଡିଏ ଜେଜିୟୁଏ'ର ପ୍ରକୃତ ସ୍ଥିତି ଏବଂ ଏହାର ସୁଫଳ ହିତାଧିକାରୀଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହା ପରଖିବା। ହେମନ୍ତ କୁମାର ପ୍ରଥମେ ଫୁଲବାଣୀ ବ୍ଲକର ଡଡକି ପଞ୍ଚାୟତ ଟ୍ରାସ୍କିପାଦର ଗ୍ରାମ ପରିଦର୍ଶନ କରି ସେଠାରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପରିଚାଳନା କମିଟିର ଗଠନ ଏବଂ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ସେ ଜଙ୍ଗଲ ନିଆଁରୁ ସୁରକ୍ଷା, କୃଷି ସଂଯୋଗୀକରଣ ଏବଂ ଅଣ-କାଷ୍ଠ ଜଙ୍ଗଲଜାତ ଦ୍ରବ୍ୟ ର ସଂଗ୍ରହ ଓ ବିକ୍ରୟ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିବା ସହ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହାସହିତ ଡିଜିଟାଲ ମ୍ୟାପିଂ ମାଧ୍ୟମରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାର ସମୀକ୍ଷା ମଧ୍ୟ କରିଥିଲେ।

ଏହାପରେ ପୂର୍ବାହ୍ନରେ ସେ ବାପ୍ତିଙ୍ଗିଆ ଗ୍ରାମକୁ ଗସ୍ତ କରି ସେଠାରେ ଗ୍ରାମୀଣ କର୍ମଯୋଜନାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ପରିଦର୍ଶନ ସମ୍ପର୍କରେ ପୂର୍ବରୁ ସମସ୍ତ ସମ୍ପୃକ୍ତ ବିଭାଗ ଜିଲ୍ଲାପାଳ, ବନଖଣ୍ଡ ଅଧିକାରୀ, ଉପଜିଲ୍ଲାପାଳ ଏବଂ ବିଡିଓଙ୍କୁ ଅବଗତ କରାଯାଇଥିଲା। ତୃଣମୂଳ ସ୍ତରରେ ସରକାରୀ ସେବାର ପହଞ୍ଚକୁ ନିଶ୍ଚିତ କରିବା ଏବଂ ମାନବାଧିକାର କ୍ଷେତ୍ରରେ କୌଣସି ଅବହେଳା ଯେପରି ନହୁଏ, ସେଥିପାଇଁ ଏନ୍‌ଏଚ୍‌ଆର୍‌ସିର ଏହି ଗସ୍ତ ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଅପରାହ୍ନ ୧ଟାରେ ସେ ବୌଦ୍ଧ ଜିଲ୍ଲା ଗସ୍ତ କରିଥିଲେ। ଏହି ପରିଦର୍ଶନ ରିପୋର୍ଟ ଆଧାରରେ ଆଗାମୀ ଦିନରେ ଜିଲ୍ଲାରେ ଆଦିବାସୀ କଲ୍ୟାଣ କ୍ଷେତ୍ରରେ ନୂତନ ରଣନୀତି ପ୍ରସ୍ତୁତ କରାଯିବ ବୋଲି ପ୍ରଶାସନିକ ସୂତ୍ରରୁ ଜଣାପଡିଛି।

